ସକାଳ
THE SAKALA



## ୨୪ରୁ ଜିଲ୍ଲା ମହୋତ୍ସବ

# କଡ଼ାକଡ଼ି କରାଯିବ ସୁରକ୍ଷା ବ୍ୟବସ୍ଥା

ନୟାଗଡ଼,୧୯।୧୨(ସମିସ)

ଡିସେମ୍ବର ୨୪ ତାରିଖରୁ ନୟାଗଡ଼ ଜିଲ୍ଲା ମହୋତ୍ସବ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହେବ । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଥିବାବେଳେ ଆଜି ଶୃଙ୍ଖଳା କମିଟି ବୈଠକ ନୟାଗଡ଼ ଏସ୍ପିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦର ଓ ପିଟିଏସ୍ ଅଧ୍ୟକ୍ଷ ଭବେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଟାଉନ ଥାନା ଇନସପେକ୍ଟର ରଶ୍ମୀ ରଞ୍ଜନ ପ୍ରଧାନ, ପୌର ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା ଓ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ସମାଜସେବୀ ସନ୍ତୋଷ ପ୍ରଧାନଙ୍କ




ସମେତ ବିଭିନ୍ନ ବିଭାଗର ଅଧିକାରୀ ନିଜର ମତାମତ ରଖିଥିଲେ। ବୈଠକରେ ଟ୍ରାଫିକ୍ ନିୟନ୍ତ୍ରଣ, ଗାଡ଼ି ପାର୍କିଂ ବ୍ୟବସ୍ଥା, ଅଧିକରୁ ଅଧିକ ସିସିଟିଭି ଲଗାଇବା ଓ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ନିଆଯିବାକୁ ଥିବା ଏକାଧିକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହୋତ୍ସବ ପାଇଁ ଆସୁଥିବା ଗାଡ଼ି ଗୁଡ଼ିକର ପାର୍କିଂ ପାଇଁ ମୋଟ୍ ୪ଟି ପାର୍କିଂ ବ୍ୟବସ୍ଥା କରାଯାଇଛି। ପୁଲିସ ପ୍ରଶିକ୍ଷଣ ସ୍କୁଲ ପଡ଼ିଆ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସାମ୍ନା, ଏସବିଆଇ ପ୍ରଶିକ୍ଷଣ କେନ୍ଦ୍ର ସାମ୍ନାରେ ସାଧାରଣ ଲୋକଙ୍କ ଗାଡ଼ି ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଥିବା ଅତିଥି ଓ ଅନ୍ୟ ହାଇପ୍ରୋଫାଇଲ ନେତାଙ୍କ ପାଇଁ ଷ୍ଟାଡିୟମ ସାମ୍ନା ଜାଗାକୁ ପ୍ରସ୍ତୁତ କରାଯାଉଛି। ଗାଡ଼ି ଗୁଡ଼ିକ ଯେପରି ଶୃଙ୍ଖଳିତ ଭାବେ ପାର୍କିଂ କରାଯିବ ସେ ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପୁଲିସ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଯେଉଁମାନେ ନିୟମ ନ ମାନିବେ, ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ରାସ୍ତା ଉପରେ ପାର୍କିଂ କରାଯାଇଥିବା ଗାଡ଼ି ଗୁଡ଼ିକୁ ଉଠାଇ ନେବା ପାଇଁ ପରିବହନ ଅଧିକାରୀଙ୍କୁ ଏସପି ନିର୍ଦ୍ଦେଶ ଦେଇଛନ୍ତି। ଜଗନ୍ନାଥ ମନ୍ଦିରରୁ ଷ୍ଟାଡିୟମ୍ ପର୍ଯ୍ୟନ୍ତ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଲାଗିଥିଲେ ମଧ୍ୟ ଗଛ ଡାଳ ବଢ଼ି ଯାଉଥିବାରୁ ଠିକ୍ ଭାବେ ଆଲୋକ ଦେଖାଯାଉ ନାହିଁ। ଏଣୁ ଏହି ଡାଳ ଗୁଡ଼ିକୁ କାଟିବା ପାଇଁ ଟିପିସିଓଡିଏଲକୁ ନିର୍ଦ୍ଦେଶ ଦିଆଯାଇଛି।

ଶାନ୍ତି ଶୃଙ୍ଖଳା ବଜାଏ ରଖିବା ପାଇଁ ମହୋତ୍ସବ ସ୍ଥଳ ଓ ରାସ୍ତାରେ ପ୍ରାୟ ୩୦ରୁ ଅଧିକ ସିସିଟିଭି ଲଗାଇବା ପାଇଁ ଯୋଜନା କରାଯାଇଛି। ମହୋତ୍ସବ ସ୍ଥଳରେ ଗୋଟିଏ ପୁଲିସ ନିୟନ୍ତ୍ରଣ କକ୍ଷ ଖୋଲାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କକ୍ଷ ଦ୍ୱାରା ସମସ୍ତ ଘଟଣା ଉପରେ ନଜର ରଖାଯିବ। ପିଟିଏସ-ଶିଶୁ ମନ୍ଦିର ରାସ୍ତା ପର୍ଯ୍ୟନ୍ତ ନୋ-ପାର୍କିଂ ଜୋନ୍ ଘୋଷଣା କରାଯାଇଛି। ସ୍ୱେଚ୍ଛାସେବୀମାନେ ନିଜ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା।

## 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର' ସଚେତନତା କାର୍ଯ୍ୟକ୍ରମ




ନୟାଗଡ଼,୧୯।୧୨(ସମିସ): ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ରିଜର୍ଭ ବ୍ୟାଙ୍କ ଏବଂ ଲିଡ ବ୍ୟାଙ୍କର ସମନ୍ୱିତ ଉଦ୍ୟମରେ ଏକ ସଚେତନତା ଶିବିର 'ଆପଣଙ୍କ ପୁଞ୍ଜି, ଆପଣଙ୍କ ଅଧିକାର'କାର୍ଯ୍ୟକ୍ରମ ଆଜି ପୂର୍ବାହ୍ଣ ୧୧ ଘଟିକା ସମୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ସୃଜନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରବିଆଇ ଡିଜିଏମ୍ ମଧୁକର ଆନନ୍ଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସ୍ବିଆଇ ଆରଏମ୍ ଭଗତ ବେହେରା ଯୋଗ ଦେଇଥିଲେ । ନୟାଗଡ଼ ଏଲଡିଏମ୍ ଲୋହିତ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ହିତାଧାକାରୀଙ୍କ ଅଜାଣତରେ ହେଉ କିମ୍ବା ବିଭିନ୍ନ କାରଣ ବଶତଃ ଆକାଉଣ୍ଟରେ ଜମା ରାଶି ପଡ଼ି ରହିଥିଲେ, କୌଣସି କାରବାର ହେଉ ନଥିଲେ ୧୦ ବର୍ଷ ପରେ ଏହା ରିଜର୍ଭ ବ୍ୟାଙ୍କକୁ ଫେରି ଯାଇଥାଏ। ଏହି ଟଙ୍କା ହିତାଧିକାରୀମାନେ ଫେରି ପାଇବା ପାଇଁ ରିଜର୍ଭ ବ୍ୟାଙ୍କର ଏହା ଏକ ପ୍ରଚେଷ୍ଟା। ସେଥିପାଇଁ ହିତାଧିକାରୀମାନେ ବ୍ୟାଙ୍କରେ ଖୋଲିଥିବା ଜମା ଖାତାର ଉପଯୁକ୍ତ ପରିଚୟ ପତ୍ର ଓ କେୱାଇସି ଫର୍ମ ପୂରଣ କରି ଆବେଦନ କରିପାରିବେ।

# କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ଶ୍ରାଦ୍ଧବାର୍ଷିକୀ




ଶରଣକୁଳ,୧୯।୧୨(ସମିସ): ସଦାନନ୍ଦ ସାହିତ୍ୟ ପରିଷଦ ଓ ପୂଜ୍ୟ ପୂଜା କମିଟି ଶରଣକୁଳ ପକ୍ଷରୁ ରୀତି ଯୁଗୀୟ କାବ୍ୟ ସାହିତ୍ୟର ଅନନ୍ୟ ସ୍ରଷ୍ଟା ତଥା ଉତ୍କଳ ସାହିତ୍ୟ ଆକାଶର ପ୍ରଥମ କବିସୂର୍ଯ୍ୟ, ବୈଷ୍ଣବ କବି 'କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା'ଙ୍କ ୨୦୭ ତମ ଶ୍ରାଦ୍ଧ ବାର୍ଷିକୀ ଶରଣକୁଳ ଭିକାରିପଡା ସ୍ଥିତ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ ପଣ୍ଡିତ କିଶୋର ଚନ୍ଦ୍ର କର, କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ବିଦ୍ୟାଳୟ ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀ, କବି ନଳିନୀ ଦାଶ, ଯୋଗାଚାର୍ଯ୍ୟ ରାଜେନ୍ଦ୍ର ତ୍ରିପାଠୀ, କବି ବ୍ରଜ କିଶୋର ମିଶ୍ର, ନିରଞ୍ଜନ ପ୍ରଧାନ, କମଳ ଲୋଚନ ମହାପାତ୍ର, ସାମ୍ବାଦିକ ଜୟକୃଷ୍ଣ ସାହୁ, ସୁଶାନ୍ତ କୁମାର ପ୍ରଧାନ, ଗୌରହରୀ ସାହୁ, ଭୂତେଶ କୁମାର ପ୍ରଧାନ, ସବିତା ସାହୁ, ପ୍ରିୟଙ୍କା ପାଣିଗ୍ରାହୀ, ମଧୁସ୍ମିତା ପଟ୍ଟନାୟକ, ସୌଭାଗ୍ୟ ମହାପାତ୍ର, ମୋନାଲିନ ମିଶ୍ର, ପୁଷ୍ପଲତା ଷଡଙ୍ଗୀ, ଦିଲ୍ଲୀପ କୁମାର ମଣ୍ଡଳ ପ୍ରମୁଖ ଯୋଗ ଦେଇ କବିସୂର୍ଯ୍ୟ ସଦାନନ୍ଦଙ୍କ ପ୍ରତିମୂର୍ତ୍ତିରେ ଧୂପ, ଦୀପ ସହିତ ପୁଷ୍ପମାଲ୍ୟା ଅର୍ପଣ କରିଥିଲେ । କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ସଦାନନ୍ଦଙ୍କ ରଚିତ 'ମଣିମା ଶୁଣିମା ହେଉ ଗରିବ ଡାକ' ଗୀତଟିକୁ ଗାନ କରିବା ପରେ ଉପସ୍ଥିତ କବି ଓ ସାହିତ୍ୟିକମାନେ ସଦାନନ୍ଦଙ୍କ କାବ୍ୟକୃତି ନିଷ୍ଠା ନୀଳମଣି, ଯୁଗଳ ରାସାମୃତ ଲହରୀ, ନାମ ଚିନ୍ତାମଣି, ଯୁଗଳ ରସାମୃତ ଭଉଁରୀ ଓ ସଙ୍ଗୀତ ସଦାନନ୍ଦ କାବ୍ୟ ଉପରେ ଆଲୋଚନା କରିଥିଲେ ।

# ଓଡ଼ଗାଁ ରଘୁନାଥ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଓଡ଼ଗାଁ,୧୯।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପଞ୍ଚଶଖା ଶିକ୍ଷା ସେତୁ ସଙ୍ଗଠନ ସଭାପତି ତଥା ଓଡ଼ଗାଁର ଖେଳ ମଣିଷ ଦିବାକର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଓଡ଼ଗାଁ ଏନ୍ଏସି ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ଏହି ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଗଣିଆରୁ ଅବସର ଗ୍ରହଣ କରିଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ଦାଶ, ପ୍ରାକ୍ତନ ନୟାଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାମୋଦର



ଖିଲାର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଛାତ୍ରଙ୍କୁ ଆଶିର୍ବଚନ ପ୍ରଦାନ କରିଥିଲେ। ଭଲ ମଣିଷ ହୁଅ, ଦକ୍ଷତାର ପୂର୍ଣ୍ଣ ବିନିଯୋଗ କର। ଚେତନା ଯୁକ୍ତ ସତ୍ୟ କୁହ। ମନରେ ଆସୁଥିବା ଅସୁମାରୀ ପ୍ରଶ୍ନର ଉତ୍ତର ଅନ୍ୱେଷଣ କର । ଏବେର ଛାତ୍ର ସ୍ଥାଣୁ, ନିର୍ଜିବ ଓ ନିଷ୍କ୍ରିୟତା ମଧ୍ୟରୁ ବାହାରି ଆସିବା ଦରକାର। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ଗାଁ ବିଡିଓ ପ୍ରତିବାଳା ରଣା ପହଁଞ୍ଚିଥିଲେ ମଧ୍ୟ ପ୍ରଶାସନିକ ଜରୁରୀ କାର୍ଯ୍ୟ ପାଇଁ ଫେରି ଯିବାକୁ ପଡ଼ିଥିଲା। ଉକ୍ତ ବିଦ୍ୟାଳୟ ୧୦ମ ବୋର୍ଡ ପରୀକ୍ଷାର ନୋଡାଲ କେନ୍ଦ୍ର ହୋଇଥିବାରୁ ଏଠାରେ ଗୋଟିଏ ଷ୍ଟ୍ରଙ୍ଗ ରୁମ ନିର୍ମାଣର ଆବଶ୍ୟକତା ରହିଛି । ଆଲୋଚନା ଚକ୍ର, ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ଏକ ପାଇଁ ଅଡିଟୋରିୟମ, ଷ୍ଟାଫ୍ କ୍ୱାଟର ସହିତ ଛାତ୍ରଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ନିମନ୍ତେ ପାକଶାଳା ନିର୍ମାଣର ଆବଶ୍ୟକତା ରହିଛି ବୋଲି ବିବରଣୀ ପାଠ ବେଳେ ପ୍ରଧାନ ଶିକ୍ଷକ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସର୍ବୋପରି ଏହି ବିଦ୍ୟାଳୟର ୧୯୮୭ ବର୍ଷ ଛାତ୍ର କଲ୍ୟାଣ ସଙ୍ଗଠନ ତରଫରୁ ସୁଶାନ୍ତ କୁମାର ପାତ୍ରଙ୍କ ଉପସ୍ଥିତିରେ ୧୦ମ ଶ୍ରେଣୀ ଛାତ୍ର ସମ୍ୟକ ପଣ୍ଡା ଏବଂ ନାରାୟଣ ସାହୁଙ୍କୁ ଉତ୍ତମ ପାଠ ପଢ଼ା ପାଇଁ ସହାୟକ ସ୍ୱରୁପ ୫ ହଜାର ଲେଖାଏଁ ଟଙ୍କା ପୁରସ୍କୃତ କରାଯାଇଥିଲା।ଶେଷରେ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ଶିକ୍ଷୟିତ୍ରୀ ନୀଳିମା ବାହିନୀପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ: ଟମାଣ୍ଡୋ ଫାଇନାଲରେ

ଭାପୁର,୧୯ ।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଫତେଗଡ଼ ଯୁବକ ସଘ ଆନୁକୂଲ୍ୟରେ ନାଲିସାଗର ଖେଳପଡ଼ିଆରେ ଚାଲିଥିବା ୧୬ ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିସିସି ଭୁବନେଶ୍ୱର ଦଳ କେସିଏ କଳାହାଣ୍ଡିକୁ ୫ ୱିକେଟରେ ପରାସ୍ତ କରି ଦ୍ୱିତୀୟ ଦଳଭାବେ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ସାଇ ଇଲେଭେନ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହେବ। ଟସ ଜିଣି କେସିଏ କଳାହାଣ୍ଡି ଦଳ ପ୍ରଥମେ ବ୍ୟାଟିଙ୍ଗ କରି ସୁପ୍ରିୟୋ ଚକ୍ରବର୍ତ୍ତୀ ଙ୍କ ୧୯ ବଲରେ ୩୯ ରନ ସେତ୍ତ୍ୱ ୧୯-୪ ଓଭରରେ ଦଳ ସମସ୍ତ ୱିକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲା।ଏହାର ଜବାବରେ ଟମାଣ୍ଡୋ ଦଳର ଅଧିନାୟକ ସିଦ୍ଧାନ୍ତ ଜେନା ଙ୍କ ୩୫ ବଲରେ ୭୪(୬ଟି ଚୌକା, ୭ ଛକା) ରନର ଧୂଆଁ ଧାର ରନ ବଳରେ ଦଳ ୧୫-୩ଓଭରରେ ୧୪୮ ରନ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି।ସିଦ୍ଧାନ୍ତ ଜେନା ଖେଳର ଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଥିଲେ। ଅତିଥି ଭାବେ କୃଷକ ନେତା ତଥା ସାମ୍ବାଦିକ ଶେଷଦେବ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ଧଳ,ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ ଓ ସମାଜସେବୀ ପ୍ରତାପ କୁମାର ସାହୁ ଯୋଗଦେଇଥିଲେ।ଖେଳ ପରିଚାଳନା କରିଥିଲେ ଓସିଏ ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି। ଭାଷ୍ୟକାର ଥିଲେ ବୁବୁ ସିହ୍ନା, ସରୋଜ ମହାପାତ୍ର ଓ ଜନ୍ମେଜୟ ଦଳେଇ।

# ଦଧିବାମନଜିଉ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ

ଶରଣକୁଳ,୧୯।୧୨(ସମିସ)

ଶରଣକୁଳ ନିକଟସ୍ଥ ଶିଖରପୁରସ୍ଥିତ ଦଧିବାବନ ଜୀଉ ଉଚ୍ଚବିଦ୍ୟାଳୟ ରୌପ୍ୟ ଜୟନ୍ତୀ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଲଗ୍ନଜିତ ରାଉତ, ସମ୍ମାନିତ ଅତିଥି ଭାବେ ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ ସମ୍ପାଦକ ରଞ୍ଜନ କୁମାର ଦାସ, କୃଷ୍ଣ ଚନ୍ଦ୍ର ମହାରଣା, ବିଦ୍ୟାଧର ଦାସ, ଭରତ ଚନ୍ଦ୍ର ମଣ୍ଡଳ,ବିଦ୍ୟାଳୟ ସଭାପତି ଭାଗବତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ ଏବଂ କରି ନାନା ଝଡ଼ଝଞ୍ଜା ଭିତରେ ବିଦ୍ୟାଳୟ କିଭଳି ଏହି ସ୍ଥାନରେ ପହଞ୍ଚିପାରିଛି ସେ ଉପରେ ବର୍ଣ୍ଣନା କରିଥିଲେ । ୧୯୯୫ ମସିହା ଜୁଲାଇ ୭ ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ବହୁ ସୁନାମ ଅର୍ଜନ କରିବା ସହ ବହୁ ମଣିଷ ଗଢ଼ିଛି । ଗୁଣାତ୍ମକ ଶିକ୍ଷା ପ୍ରଦାନ



ମୂଳ ଲକ୍ଷ୍ୟ ବୋଲି କହି ଏଥିପାଇଁ ଜିଲ୍ଲା ଓ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଛି । ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ଆଜି ରାଜ୍ୟ ତଥା ରାଜ୍ୟ ବାହାରେ କ୍ରୀଡ଼ା, ସାମାଜିକ, ଚାକିରି କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରି ବିଦ୍ୟାଳୟ ସହ ଗାଁର ଗୌରବ ବଢ଼ାଇପାରିଛନ୍ତି ବୋଲି ପ୍ରଧାନଶିକ୍ଷକ ମତବ୍ୟକ୍ତ କରିଥିଲେ ।ସର୍ମିଷ୍ଠା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅତିଥିମାନେ ପିଲାଙ୍କୁ ଭଲ ପାଠ ପଢ଼ି ସୁନାଗରିକ ହେବା ସହ ବିଦ୍ୟାଳୟ ଟେକ ରଖିବାକୁ ପରାମର୍ଶ ଦେଇଥିଲେ । ଯେଉଁ ବିଦ୍ୟାଳୟ ତୁମଙ୍କୁ ଶିକ୍ଷା ଭଳି ଶ୍ରେଷ୍ଠ ଉପହାର ପ୍ରଦାନ କରୁଛି ସେ ଅନୁଷ୍ଠାନ ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀ କିଛି କିଛି ଉଦ୍ୟମ କଲେ ଏହି ବିଦ୍ୟାଳୟ ଦିନେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସୁନାମ ଅର୍ଜନ କରିବ ବୋଲି କହିଥିଲେ । ହରିବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବହୁ ଅଭିଭାବକ, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

● କୋମଣ୍ଡ ଶ୍ରୀ ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନ

# ୧୦ ଏକରରୁ ଉର୍ଦ୍ଧ୍ୱ ଜବରଦଖଲ ଚିହ୍ନଟ

ନୟାଗଡ଼/ଓଡ଼ଗାଁ,୧୯।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ କୋମଣ୍ଡ ରାଜସ୍ୱ ଅଞ୍ଚଳ କୋମଣ୍ଡଠାରେ ଗଢ଼ି ଉଠିଥିବା ବହୁମୁଖୀ ଶିଳ୍ପ ତାଲିମ କେନ୍ଦ୍ର ଶ୍ରୀ ପଲିଟେକନିକ ଚତୁଃପାର୍ଶ୍ୱ ଜବର ଦଖଲ ଜମି ଦ୍ୱିତୀୟ ପର୍ଯ୍ୟାୟ ମାପଚୁପ ଆଜି ହୋଇଛି। ପ୍ରାଥମିକ ଭାବେ ୧୦ ଏକରରୁ ଉର୍ଦ୍ଧ୍ୱ ଜମି ଜବରଦଖଲ ହୋଇଥିବା ସୂଚନା ମିଳିଥିବା ବେଳେ ସରକାରୀ ଭାବେ ଏହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ଘୋଷଣା କରାଯିବା ବୋଲି ସୂଚନା ମିଳିଛି। କୋମଣ୍ଡ ମକରପଦା ଗ୍ରାମବାସୀଙ୍କଠାରୁ ଅଭିଯୋଗ କ୍ରମେ ତହସିଲଦାରଙ୍କ ନିର୍ଦ୍ଦେଶରେ ଡିସେମ୍ବର ୧୦ ତାରିଖ ପ୍ରଥମ ମାପଚୁପ ହୋଇଥିଲା। ଆଜି ଦ୍ୱିତୀୟ ପର୍ଯ୍ୟାୟ ମାପଚୁ ଅତିରିକ୍ତ ତହସିଲଦାର ଜି ଶ୍ରୀନୁଙ୍କ ଉପସ୍ଥିତିରେ କରାଯାଇଛି। ମାପଚୁପ ନିମନ୍ତେ ସ୍ଥାନୀୟ ଆର ଆଇଙ୍କୁ ମିଶାଇ ଦୁଇଜଣ, ଜଣେ ସୁପରଭାଇଜର ଏବଂ ଜଣେ ଅମିନଙ୍କ ସହାୟତାରେ ମାପଚୁପ ହୋଇଛି । ଶାନ୍ତିଶୃଙ୍ଖଳା ପାଇଁ ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ଅଭୟ ବେହେରାଙ୍କ ଦ୍ୱାରା ପୁଲିସ କର୍ମଚାରୀ ମୁତୟନ ରହିଥିଲେ। ପ୍ରଥମ ଦିନରେ ଅନୁଷ୍ଠାନ ସମୁଖ ଭାଗ ଜବରଦଖଲ ନାଳ ପାଇଁ ମାପଚୁପ ହୋଇଥିଲା। ପ୍ରାୟ ୫ ଏକର ପରିମିତ ଏହି ନାଳଟି ବେଆଇନ



ଜବରଦଖଲ ହୋଇଥିବା ପ୍ରାଥମିକ ଭାବେ ଜଣାପଡ଼ିଥିବା ବେଳେ ଏହାରି ଉପରେ ରହିବା ଘରଠାରୁ ରୋଷେଇ ଘର ପର୍ଯ୍ୟନ୍ତ ବିଭିନ୍ନ ବେଆଇନ ନିର୍ମାଣ ହୋଇଥିବା ଦେଖାଯାଇଥିଲା। ଆଜି ମାପଚୁପ ବେଳେ ୧୦ ଏକରରୁ ଉର୍ଦ୍ଧ୍ୱ ଜମି ଜବରଦଖଲ ହୋଇଥିବା ସ୍ପଷ୍ଟ ହୋଇଛି। ମାପଚୁପ ସମ୍ପୂର୍ଣ୍ଣ ତାଲିକା ପ୍ରକାଶ ପାଇଲେ ଜମିର ପରିମାଣ ସ୍ପଷ୍ଟ ହେବ। କୋମଣ୍ଡ ମକରପଦାଠାରେ ଗଢ଼ି ଉଠିଥିବା କୋମଣ୍ଡ ଶିଳ୍ପ ତାଲିମ କେନ୍ଦ୍ର, ଡିପ୍ଲୋମା କଲେଜ୍ (ଶ୍ରୀପଲ୍ଲୀଟେକନିକ୍) ଏବଂ ସଚ୍ଚିଦାନନ୍ଦ ସେବାଶ୍ରମ ଚତୁଃପାର୍ଶ୍ୱରେ ଥିବା ପ୍ରାୟ ୩୦ ଏକରରୁ ଉର୍ଦ୍ଧ୍ୱ ପରିମାଣର ସରକାରୀ ଜାଗା ଓ ଜମିକୁ ଚଞ୍ଚକତା କରି ଜବର ଦଖଲ କରିଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଚଳିତ ବର୍ଷ ନଭେମ୍ବର ମାସ ୩ ତାରିଖରେ ଓଡ଼ଗାଁ ତହସିଲଦାରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ତଦନୁଯାୟୀ ଡିସେମ୍ବର ମାସ ୨ ତାରିଖରେ ଜବରଦଖଲ ଅଭିଯୋଗ ଜାଗାର ସରଜମିନ ମାପ କରାଯାଇ ଚିହ୍ନଟ ହେବ ବୋଲି ତହସିଲ ଅଫିସ କାର୍ଯ୍ୟାଳୟରୁ ନଭେମ୍ବର ୨୫ ତାରିଖରେ ନୋଟିସ ଜାରି ହୋଇଥିଲା। ଧାର୍ଯ୍ୟ ସମୟ ଡିସେମ୍ବର ୨ ତାରିଖକୁ ଗ୍ରାମବାସୀ ଅପେକ୍ଷା କରି ରହିଥିବା ବେଳେ ଶେଷ ମୁହୂର୍ତ୍ତରେ ଏହାକୁ ବାତିଲ୍ କରାଯାଇଥିଲା। ଫଳରେ ଗ୍ରାମବାସୀମାନେ ମିଳିତ ହୋଇ ତହସିଲଦାର ଅଫିସରେ ପହଁଞ୍ଚି ଏନେଇ ହୋରଦାର ହୋହଲ୍ଲା କରିବା ପରେ ଘଟଣାସ୍ଥଳରେ ନିଜେ ତହସିଲଦାରଙ୍କ ତତ୍ତ୍ୱାବଧାନରେ ମାପଚୁପ କାର୍ଯ୍ୟ କରାଯାଇଛି ।

## ଦୁର୍ଘଟଣାରେ ଯୁବକ ଗୁରୁତର

ଓଡ଼ଗାଁ,୧୯ ।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନାଠାରୁ ଭଞ୍ଜନଗର ଅଭିମୁଖେ ଯାଇଥିବା ରାଜ୍ୟ ସଡ଼କ ପଥର ପ୍ରାୟ ୩ କିଲୋମିଟର ଦୁର ପେଟ୍ରୋଲ ଟାଙ୍କି ଓ ଗୋଡି ପଲ୍ଲୀ ଛକ ମଧ୍ୟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଶୁକ୍ରବାର ରାତି ପ୍ରାୟ ୯ ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ଓଡ଼ଗାଁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଯୁବକ ଜଣକୁ ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ । ଖବରପାଇ ଓଡ଼ଗାଁ ପିସିଆର ଭ୍ୟାନ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲା । ଓଡ଼ଗାଁ ଡାକ୍ତରଖାନାରେ ଯୁବକର ଭାଙ୍ଗି ଯାଇଥିବା ଡାହାଣ ଗୋଡ ଆଣ୍ଠୁର ପ୍ରାଥମିକ ଚିକିତ୍ସା କରାଯାଇଥିବା ବେଳେ ଗୁରୁତରଙ୍କୁ ଡାକ୍ତର ନୟାଗଡ଼ ସ୍ଥାନାନ୍ତର ପାଇଁ ସୁପାରିଶ କରିଛନ୍ତି। ଯୁବକ ଜଣଙ୍କ ଶରଣକୁଳ ଥାନା ନାରାୟଣ ହାଇସ୍କୁଲ ନିକଟ ଭାଗିଦେଇପୁର ଗ୍ରାମ ରମେଶ ନାୟକଙ୍କ ପୁଅ ସାନୁ (୩୫) ବୋଲି ଜଣା ପଡ଼ିଛି।

## ହାଇୱା ସହିତ ୨ ଟ୍ରାକ୍ଟର ଜବତ, ୩ ଗିରଫ

ଓଡ଼ଗାଁ,୧୯।୧୨(ସମିସ): ଓଡ଼ଗାଁ ଥାନା ଅଞ୍ଚଳରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ ହେଉଥିବା ବେଳେ ଶୂନ ସହନଶୀଳତା ନିମନ୍ତେ ଓଡ଼ଗାଁ ପୁଲିସ ବିଭିନ୍ନ ସ୍ଥାନରୁ ଗୋଟିଏ ବାଲି ବୋଝେଇ ହାଇୱା ଏବଂ ୨ ଟ୍ରାକ୍ଟର ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିଥିଲେ। ପରେ ସେମାନଙ୍କୁ ଚୁକ୍ତି ଭିତ୍ତିରେ ଛାଡ଼ି ଦିଆଯାଇଛି। ଗିରଫମାନେ ହେଲେ ଗୋଡିପଲ୍ଲୀ ଛକଠାରୁ ଜବତ ହାଇୱାଚାଳକ ଶରଣକୁଳ ଥାନା ଶିଖରପୁର ପିଣ୍ଟୁ ପ୍ରଧାନ, କୁରାଳ ଠାରୁ ଜବତ ଟ୍ରାକ୍ଟର ଚାଳକ କୁରାଳର ବିଜୟ ସାହୁ ଏବଂ ଓଡ଼ଗାଁ ସିନେମା ହଲ ଛକଠାରୁ ଜବତ ଟ୍ରାକ୍ଟର ଚାଳକ ଜାମୁସାହିର ତ୍ରିନାଥ ସାହୁ। ଗ୍ରାହକଙ୍କୁ ଉଚ୍ଚଦରରେ ବିକ୍ରୟ କରାଯାଉଥିବାରୁ ବାରମ୍ବାର ଫାଇନ ପ୍ରଦାନ ସତ୍ତ୍ୱେ ଏହା ବନ୍ଦ ହେବାର ନାଁ ଧରୁନି।

## ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ପରିତ୍ୟକ୍ତ ଅବସ୍ଥାରେ କୋଭିଡ୍ କେନ୍ଦ୍ର

### ମୁଖ୍ୟଦ୍ୱାରରେ ଝୁଲୁଛି ତାଲା ଝରକା ପଡିଛି ଖୋଲା

### ୬ ସିଲିଂ ଫ୍ୟାନ୍ ସହିତ ଅନେକ ସାମଗ୍ରୀ ଉଭାନ

ଓଡ଼ଗାଁ,୧୯।୧୨(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ମଧ୍ୟରେ ନିର୍ମାଣ ହୋଇଥିବା କୋଭିଡ କେନ୍ଦ୍ରର ମୁଖ୍ୟ ଦ୍ୱାରାରେ ଏବେ ତାଲା ଝୁଲି ଥିବା ବେଳେ ଝରକା କାଚ ଭାଙ୍ଗି ସେଠାରେ ଲାଗିଥିବା ୬ ସିଲିଙ୍ଗ ଫ୍ୟାନକୁ କେହି ଦୁର୍ବୃତ୍ତ ଚୋରି କରି ନେଇଛି । କେବଳ ଫ୍ୟାନର ଉପର ଅଂଶରେ ଲାଗିଥିବା ରଡ୍ ଗୁଡିକ ସେଠାରେ ଝୁଲୁଥିବା ଦେଖିବାକୁ ମିଳିଛି। ଫ୍ୟାନ ଗୁଡ଼ିକ ଚୋରି ହୋଇଥିବା ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ୨୦୨୧ ମସିହାରେ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଉକ୍ତ କୋଭିଡ କେନ୍ଦ୍ର ଓଡ଼ଗାଁ କିମ୍ବା ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ହସ୍ତାନ୍ତର ହୋଇନଥିବାରୁ ଏନେଇ ଓଡ଼ଗାଁ କିମ୍ବା ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ନୟାଗଡ଼ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଏହାର କୌଣସି ସୂଚନା ନାହିଁ। କେହି ନିର୍ମାଣକାରୀ ସଂସ୍ଥା ଏଠାକୁ ଆସିବା କିମ୍ବା ଯିବାର କୌଣସି ତଥ୍ୟ ଓଡ଼ଗାଁ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଖରେ ନାହିଁ। ବହୁ ଅର୍ଥ ବ୍ୟୟରେ ନିର୍ମିତ ଏହି ଗୃହଟି ଅବ୍ୟବହୃତ ହୋଇ ପଡି ରହିଥିବାରୁ ସୁଯୋଗ ଉଣ୍ଡି କେହି ଦୁର୍ବୃତ୍ତ ଝରକା କାଚ ଭାଙ୍ଗି ଭିତରେ ପଶି ସବୁ ଛାରଖାର କରିଛନ୍ତି। ଏଥି ସହିତ ରାସ୍ତାକୁ ମାଡ଼ି ଗୃହଟି ରହିଥିବାରୁ ଅଣ ଓସାରିଆ ରାସ୍ତାରେ ରୋଗୀ ନେଇ ଆସୁଥିବା ୪ ଚକିଆ ଯାନ ଯାଆ ଆସ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଅପରପକ୍ଷରେ ଅନ୍ୟ କୌଣସି କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଉକ୍ତ ଗୃହକୁ ବ୍ୟବହାର ଉପଯୋଗୀ କରାଯାଉ, ଅନ୍ୟଥା ଭାଙ୍ଗିଦେଇ ସ୍ଥାନକୁ ଖାଲି କରାଯାଉ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି। ଏହାକୁ କାହା ନିର୍ଦ୍ଦେଶରେ ନିର୍ମାଣ କରାଯାଇଛି ଓ କାହିଁକି କରାଯାଇଛି ଏବଂ ସେ ଏବେ କୁଆଡେ ଗଲା ତାହାର କୌଣସି ଖୋଜ ଖବର ବ୍ଲକ ଠାରୁ ଜିଲ୍ଲା ପର୍ଯ୍ୟନ୍ତ କାହାରି ପାଖରେ ଉତ୍ତର ନାହିଁ। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏ ନେଇ ଚିନ୍ତାକଲେ ସମସ୍ତ ତଥ୍ୟ ପଦାକୁ ଆସିପାରିବ। ପରିତ୍ୟକ୍ତ ଗୃହ ବ୍ୟବହାର ଉପଯୋଗୀ ହୋଇପାରିବ।

